# Akashvani, Sambalpur

# SAMBALPURI NEWS MORNING BULLETIN

# 21 February 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ବଜେଟ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬-୨୭ ବଜେଟ୍ ରାଜ୍ୟର୍ ସବୁ ବର୍ଗର୍ ଲୁକ୍‌କର୍ ସପନ୍, ଆଶା ଆଉ ଆକାଂକ୍ଷା ପୂର୍ କର୍‌ବାର୍ ସହେତେ ରାଜ୍ୟର୍ ବିକାଶ୍ ଧାରାକେ ଆହୁରି ତୁର୍‌ତି କର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ବଜେଟ୍ ଉପସ୍ଥାପନ୍ କର୍‌ବାର୍ ଉତ୍‌ରୁ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ବଜେଟ୍ ଖାଲି ଆଏବା ବଛର୍‌ର ଆୟ ବ୍ୟୟର୍ ହିସାବ୍ ନୁହେଁସେ, ଇଟା ଗୁଟେ ସମୃଦ୍ଧ, ସଶକ୍ତ ଆଉ ସମାବେଶୀ ଓଡ଼ିଶା ଗଠନ୍ ଦିଗେ ନିର୍ଣ୍ଣାୟକ ପଦକ୍ଷେପ୍ ଆଏ । ବିକଶିତ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ ଦିଗେ ଇଟା ମାଇଲ୍‌ଖୁଂଟା ସାଜ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚଲ୍‌ତି ରାଜ୍ୟ ବଜେଟ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବିକଶିତ ଓଡ଼ିଶା ଲାଗି କଲ୍ୟାଣ୍‌କାରୀ ଆଉ ଦୂରଦର୍ଶୀ ବଜେଟ୍ ଆଏ ବଲି କହିଛନ୍ । ଇ ବଜେଟ୍ ସବୁ ବର୍ଗର୍ ଲୁକ୍‌କର୍ ଆଶା ଆକାଂକ୍ଷା ପୂରା କର୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ବିବିଧତା ଭିତ୍‌ରେ ଏକତା ହେଉଛେ ଦେଶର୍ ସବୁନୁ ବଡ଼ ଶକ୍ତି ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଲୋକଭବନ୍ ପରିସର୍ ନ ଗଲାକାଏଲ୍ ଅରୁଣାଚଲ୍ ପ୍ରଦେଶ୍ ଆଉ ମିଜୋରାମ୍‌ର ପ୍ରତିଷ୍ଠା ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି, ଇ ଉତ୍ସବ୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଦୃଷ୍ଟିକୋଣକେ ସାକାର୍ କରୁଛେ ବଲି କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୩ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ବିଧାନ୍‌ସଭା ଅଧିବେଶନ୍ ଚାଲୁଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀମାନେ

ଅଧିବେଶନ୍ ଲାଗି ବ୍ୟସ୍ତ ରହିଛନ୍ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫ୍ରୁ କୁହାଯାଇଛେ ।

ବିଏଡ୍ ପାଠ୍ୟକ୍ରମ୍-ଅନ୍‌ଲାଇନ୍ ଆବେଦନ୍      ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍‌ନୁ ୪ ବଛ୍‌ରିଆ ବିଏଡ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍‌କେ ପ୍ରବେଶିକା ପରୀକ୍ଷା ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ଜାରି ରହିଛେ । ଇ ପ୍ରକ୍ରିୟା ମାର୍ଚ୍ଚ ୧୦ ତାରିଖ୍‌ତକ୍ ଚାଲ୍‌ବା । ଏପ୍ରିଲ୍ ୧୭ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତରଫ୍ରୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଆନ୍ତର୍ଜାତିକ୍ ମାତୃଭାଷା ଦିବସ      ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ୍ ମାତୃଭାଷା ଦିବସ୍ । ପୁର୍‌ଥି ନ ମାତୃଭାଷା ମାନ୍‌କେ ବଂଚାବାର୍ ଲାଗି ବାଂଲାଦେଶ୍‌ର ପ୍ରସ୍ତାବ୍‌କେ ୧୯୯୯

ମସିହାଥି ୟୁନେସ୍କୋ ଆନ୍ତର୍ଜାତୀୟ ମାତୃଭାଷା ଦିବସ୍‌କେ ସ୍ୱୀକୃତି ଦେଇଥିଲା । ଆର୍ ସେଦିନୁ ମାତୃଭାଷାର୍ ସୁରକ୍ଷା ଆର୍ ପ୍ରସାର୍ ଲାଗି ଆଝିର୍ ଦିନ୍‌କେ ସାରା ପୁର୍‌ଥି ନ ମାତୃଭାଷା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ମାତୃଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ବହୁତ୍‌ଟେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଏସି । ଇ ବଛର୍‌ର ଆନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ବାର୍ତା ରହିଛେ 'ବହୁଭାଷା ଭିତିକ୍ ଶିକ୍ଷା କ୍ଷେତ୍ରଥି ୟୁବ ସ୍ୱର' ।

ମିଶନ୍ ଶକ୍ତି -କର୍ମଶାଳା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ନ ଓଡ଼ିଶା ଜୀବିକା ମିଶନ୍ ଆଉ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ମହିଳା କିଷାନ୍ ସଶକ୍ତିକରଣ୍ ଯୋଜ୍‌ନା ଜରିଏ ଲକ୍ଷପତି ଦିଦି ଆଉ ମହାଲକ୍ଷପତି ଦିଦି ସୃଷ୍ଟି କର୍‌ବାର୍ ଲାଗି ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମହିଳାମାନ୍‌କୁ ସାମାଜିକ୍ ବିକାଶ୍ ସଚେତନତା, ଆର୍ଥିକ୍

ସାକ୍ଷରତା, ଲିଙ୍ଗଗତ ସମାନତା, ଡିଜିଟାଲ୍ ସଚେତନତା, ଦକ୍ଷତା ବିକାଶ୍ ବାଗିର୍ ଭିନ୍ ଭିନ୍ ବିଷେଥି ମାର୍ଗଦର୍ଶନ୍ ଦିଆଯାଇଥିଲା ।

ଗ୍ରୀଷ୍ମପ୍ରସ୍ତୁତି ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗଲାକାଏଲ୍ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ୍ ତର୍‌ଫୁ ଗ୍ରୀଷ୍ମ ମୁକାବିଲାକେ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ଖରାମାସେ କେନ୍ ରକ୍‌ମେ ଧନଜୀବନ୍‌ର ସୁରକ୍ଷା ଲାଗି ପଦକ୍ଷେପ୍ ନିଆଯାଇପାର୍‌ବା ସେବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୩/ ୪ ଦିନ୍ ଭିତ୍‌ରେ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍

ବଢ଼ିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।
ସେଆଡ଼େ ଭାରତ୍ ମହାସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ-ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇଛେ । ଆଏଜ୍ ଇଟା ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍‌କେ ବଢ଼ିକରି ଶ୍ରୀଲଙ୍କା ଆଡ଼୍‌କେ ମୁହାଁବା । ଆଏବା ୩୬ ଘଂଟା ଭିତ୍‌ରେ ଘୂର୍ଣ୍ଣିବଲୟ ଲଘୁଚାପ୍‌ଥି ବଦ୍‌ଲିବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।